# Akashvani, Sambalpur

## SAMBALPURI NEWS EVENING BULLETIN

**2 December 2024- 7.02 pm- 7.12 pm.**

*********************************************

୧- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା କାଏଲ୍ ଆସୁଛନ୍ ଓଡ଼ିଶା ।

- ନୌସେନା ଦିବସ୍ ଅବ୍‌ସରେ ପୁରୀ ବେଳାଭୂମି ନ ହେବାର୍‌କେ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍‌ଥି ହେବେ ସାମିଲ୍ ।

୨- ବିଧାନ୍‌ସଭା ନ ଗୃହ, ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍‌ର ପହେଲା ଖର୍ଚ୍ଚ ଦାବି ଉପ୍‌ରେ ଚାଲିଛେ ଆଲୋଚନା ।

ଆଉର୍

୩- ରାଏଜେ ସାଇବର୍ ଅପରାଧ୍ ଅଭିଯୋଗ୍‌ଥି ୧ ହଜାର୍ ୩ ଶହ ୮୮ ଝନ୍‌କୁ କରାଯାଇଛେ ଗିରଫ୍ ।

ରାଷ୍ଟ୍ରପତି- ଓଡ଼ିଶା ଆର୍‌ଏନ୍‌ୟୁ/ କଟକ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା କାଏଲ୍‌ଠାନୁ ଓଡ଼ିଶା ଗସ୍ତଥି ଆସୁଛନ୍ । ରାଷ୍ଟ୍ରପତି ଆଏବା କାଏଲ୍ ସଞ୍ଜ୍‌ବେଲେ ଭୁବ୍‌ନେଶ୍ୱର୍ ନ ପୁହୁଁଚିବେ ବଲି ଜନାପଡ଼ିଛେ । ରାଷ୍ଟ୍ରପତି ଭୁବ୍‌ନେଶ୍ୱର୍ ଚନ୍ଦ୍ରଶେଖର୍‌ପୁର୍ ନ ପଣ୍ଡିତ୍ ରଘୁନାଥ ମୁର୍ମୁଙ୍କର୍ ପ୍ରତିମୂର୍ତିକେ ଉନ୍ମୋଚନ୍ କର୍‌ବେ । ଆଏବା ବୁଧବାର୍ ୪ ତାରିଖ୍ ଦିନ ରାଷ୍ଟ୍ରପତି ପୁରୀ ଯାଇକରି ଭାରତୀୟ ନୌସନା ଦିବସ୍ ଉତ୍ସବ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ଇତାର୍‌ସହେତେ ଶ୍ରୀ ଗୋପବନ୍ଧୁ ଆୟୁର୍ବେଦ୍ ମହାବିଦ୍ୟାଲୟର୍ ୭୫ ନମ୍ବର୍ ବାର୍ଷିକ ଉତ୍ସବ୍‌ଥି ଯୋଗ୍ ଦେବେ । ପୁରୀ ଗସ୍ତ ଅବ୍‌ସରେ ରାଷ୍ଟ୍ରପତି ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କର୍ ଦର୍ଶନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ସେନ୍ତା ୫ ତାରିଖ୍ ଗୁରୁବାର୍ ଦିନ ରାଷ୍ଟ୍ରପତି ଭୁବ୍‌ନେଶ୍ୱର୍ ନ ଓଡ଼ିଶା କୃଷି ଆଉ ବୈଷୟିକ ବିଶ୍ୱବିଦ୍ୟାଲୟର୍ ୪୦ ନମ୍ବର୍ ସମାବର୍ତନ୍ ଉତ୍ସବ୍‌ଥି ଯୋଗ୍ ଦେବେ । ଇତାର୍‌ସହେତେ ସଞ୍ଜ୍‌ବେଲେ ଭୁବ୍‌ନେଶ୍ୱର୍ ନ ନୂଆଁ ଜୁଡ଼ିସିଆଲ୍ କୋର୍ଟ କମ୍ପ୍ଲେକ୍ସର ଉଦ୍‌ଘାଟନ୍ କର୍‌ବେ । ୬ ତାରିଖ୍ ଶୁକ୍ରବାର୍ ଦିନ ସଖାଲ୍‌ବେଲା ରାଷ୍ଟ୍ରପତି ଭୁବ୍‌ନେଶ୍ୱର୍ ଏଜି ଛକ୍ ନ ଡକ୍ଟର୍ ବି.ଆର୍. ଆମ୍ବେଦକରଙ୍କର୍ ପ୍ରତିମୂର୍ତିକେ ଉନ୍ମୋଚନ୍ କର୍‌ବାର୍ ସହେତେ ମହାପରିନିର୍ବାଣ ଦିବସ୍ ଅବ୍‌ସରେ ଡକ୍ଟର୍ ଆମ୍ବେଦକର୍‌ଙ୍କୁ ଶ୍ରଦ୍ଧାଞ୍ଜଲି ଜନାବେ ।

ଅତିରିକ୍ତ ଖର୍ଚ୍ଚ ଦାବି ଆର୍‌ଏନ୍‌ୟୁ/ ସମ୍ବଲପୁର୍

ବିଧାନ୍‌ସଭାଥି ଆଏଜ୍ ଶୂନ୍ୟକାଳ ସର୍‌ବାର୍ ଉତ୍‌ରୁ ୨୦୨୪-୨୫ ଆର୍ଥିକ୍ ବଛର୍‌ର ଗୃହ, ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍‌ର ପହେଲା ଅତିରିକ୍ତ ଖର୍ଚ୍ଚ ଦାବି ଆଲୋଚନା ହେଉଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗୃହ ନ ଇ ବାବଦ୍ ପ୍ରସ୍ତାବ୍ ଆଗତ୍ କର୍‌ବାର୍ ଉତ୍‌ରୁ ବିଧାୟକ୍‌ମାନେ ଆଲୋଚନାଥି ଭାଗ୍ ନେଇଛନ୍ । ବିଜେଡ଼ି ବିଧାୟକ୍ ବ୍ୟୋମକେଶ୍ ରାୟ, କଂଗ୍ରେସ୍ ବିଧାୟକ୍ ଦଲର୍ ନେତା ରାମଚନ୍ଦ୍ର କାଡ଼ାମ୍, ବିଜେପି ବିଧାୟକ୍ ଟଙ୍କଧର୍ ତ୍ରିପାଠୀଙ୍କର୍ ଛଡ଼ା ଶାସକ ଆର୍ ବିରୋଧୀ ଦଲର୍ ସଦସ୍ୟମାନେ ନିଜର୍ ବକ୍ତବ୍ୟ ରଖିଛନ୍ । ଆଲୋଚନା ବେଲେ ଗଲାବଛର୍ ସହେତେ ଇ ବଛର୍ ଥି ରାଜ୍ୟର୍ ଆଇନ୍ ଶୃଙ୍ଖଳା ପରିସ୍ଥିତି ବାବ୍‌ଦେ ବ୍ୟାପକ ଆଲୋଚନା ହେଇଛେ । ବିରୋଧୀ ଦଲର୍ ଦୁହି ବିଧାୟକ୍ ରାଏଜେ ସାଇବର୍ ଅପରାଧ୍ ନିୟନ୍ତ୍ରଣ୍, ପୁଲିସ୍ ଆଧୁନିକୀକରଣ୍ ଆଉ ଖାଲି ପଡ଼ିଥିବା ପଦ୍‌ବୀ ଭର୍ତି ଉପ୍‌ରେ ଜୋର୍ ଦେଇଛନ୍ । ସେଆଡ଼େ ଶାସକ ଦଲର୍ ବିଧାୟକ୍ ଟଙ୍କଧର ତ୍ରିପାଠୀ କହିଛନ୍ ଯେ, ରାଜ୍ୟ ନ ଗୁଟେ ଉତର୍‌ଦାୟୀ ସର୍‌କାର୍ ଚାଲିଛେ । ଆଇନ୍ ବ୍ୟବସ୍ଥା ଉପ୍‌ରେ ରାଜ୍ୟବାସୀଙ୍କର୍ ବିଶ୍ୱାସ୍

ଫିରେଇ ଆନ୍‌ବାର୍ ଲାଗି ବିଜେପି ସର୍‌କାର୍ ଶହେ ପ୍ରତିଶତ୍ ଚେଷ୍ଟା କରୁଛନ୍ ବଲି ସେ କହିଛନ୍ ।

ଆଲୋଚନା ଶେଷ୍ ହେବାର୍ ଉତ୍‌ରୁ ମୁଖ୍ୟମନ୍ତ୍ରୀ ନିଜର୍ ଉତର୍ ଦେବେ । ଇତାର୍ ଉତ୍‌ରୁ ଇ ଆର୍ଥିକ୍ ବଛର୍ ଲାଗି ଦୁହି ବିଭାଗ୍‌ର ଅତିରିକ୍ତ ଖର୍ଚ୍ଚ ଦାବି ଗୃହିତ ହେବା ବଲି ଜନାପଡ଼ିଛେ ।

ସାଇବର୍ ଅପରାଧ ଆର୍‌ଏନ୍‌ୟୁ/ କଟକ୍

ସାଇବର୍ ଅପରାଧ୍ ଅଭିଯୋଗ୍‌ଥି ହଜାରେ ୩ ଶହ ୮୮ ଝନ୍‌କୁ ଗିରଫ୍ କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଆଏଜ୍ ବିଧାନ୍‌ସଭାଥି ଇ ବାବଦ୍ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ସେ କହିଛନ୍ ଯେ, ଗଲା ୩ ବଛର୍ ଭିତ୍‌ରେ ସାଇବର୍ ଅପରାଧ୍‌ଥି ଶହେ ୨୫ କୋଟି ଟଙ୍କା ଠକି ନେଇଛନ୍ । ଇ ବାବ୍‌ଦେ ୬ ହଜାର୍ ୩ ଶହ ୬୮ ଟା ମାମ୍‌ଲା ରୁଜୁ ହେଇଛେ । ହେଲେ ଲୁଟ୍ ହେଇଥିବା ଟଙ୍କା ଭିତ୍‌ରୁ ଖାଲି ୨ କୋଟି ୫୨ ଲାଖ୍ ଟଙ୍କା ଫିରିପାରିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଗଲାବଛର୍ ସାଇବର୍ ଠକେଇ ଅପରାଧ୍‌ଥି ୨ ହଜାର୍ ୩ ଶହ ୪୮ ଟା ମାମ୍‌ଲା ରୁଜୁ ହେଇଥିବାର୍ ବେଲେ ୫ ଶହ ୨୨ ଝନ୍‌କୁ ଗିରଫ୍

କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ । ଆଉ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଇଥିର୍‌ଭିତ୍‌ରେ ୯୦ ଝନ୍ ସର୍‌କାରୀ ଅଧିକାରୀଙ୍କର୍ ବିରୋଧିଥି ଦୁର୍ନୀତି ମାମ୍‌ଲା ରୁଜୁ ହେଇଛେ । ସେଥିର୍‌ଭିତ୍‌ରେ ରାଜସ୍ୱ ବିଭାଗ୍‌ର ସବୁନୁ ଅଏତ୍‌କା ୨୦ ଝନ୍ ଅଧିକାରୀ ଥିବାର୍ ବେଲେ ପଂଚାୟତିରାଜ୍ ବିଭାଗ୍‌ର ୧୮ ଝନ୍ ଅଧିକାରୀ ଅଛନ୍ ।

ପୁଲିସ୍ ବିଭାଗ୍‌ଥି ଖାଲି ପଡ଼ିଥିବା ପଦ୍‌ବୀ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ପୁଲିସ୍ ବିଭାଗ୍‌ଥି ଖାଲି ପଡ଼ିଥିବା ପଦ୍‌ବୀ ମାନେ ପୂରଣ୍ ଲାଗି ଦର୍‌କାରୀ ପଦକ୍ଷେପ୍ ନିଆଯାଉଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ବିଧାନ୍‌ସଭାଥି ଆଏଜ୍ ଇ ବାବଦ୍ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ଗୃହ ବିଭାଗ୍ ଦାୟିତ୍ୱଥି ଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ଯେ, ଗଲା ନଭେମ୍ବର୍ ୧ ତାରିଖ୍‌ତକ୍ ରାଜ୍ୟ ପୁଲିସ୍ ବିଭାଗ୍‌ଥି ୧୩ ହଜାର୍ ୩ ଶହ ୭୩ ଟା ପଦ୍‌ବୀ ଖାଲି ପଡ଼ିଛେ । ଅଗ୍ନିଶମ, ଗୃହରକ୍ଷୀ ଆର୍ ଜେଲ୍ ଆଦି ଭିନ୍ ଭିନ୍ କ୍ଷେତ୍ରଥି ଖାଲି ପଡ଼ିଥିବା ପଦ୍‌ବୀ ମାନ୍‌କର୍ ତାଲିକା କରାଯାଇଛେ ।

ମୋବାଇଲ୍ ଟାୱାର୍ ଥାପ୍‌ନା ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ସବୁ ଇଲାକା ନ ଆଏବା ମାର୍ଚ୍ଚ ମାସ୍ତକ୍ ମୋବାଇଲ୍ ଟାୱାର୍ ଥାପ୍ନା ଲାଗି ରାଜ୍ୟ ସର୍କାର୍ ପଦକ୍ଷେପ୍ ନଉଛନ୍ ବଲି ସୂଚନା ଆଉ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ବିଧାନ୍ସଭାଥି ଆଏଜ୍ ଇ ବାବ୍ଦେ ସୂଚ୍ନା ଦେଇକରି ଡକ୍ଟର୍ ମହାଲିଙ୍ଗ୍ କହିଛନ୍ ଯେ, ଭାରତ୍ ସର୍କାର୍ଙ୍କର୍ ଡିଜିଟାଲ୍ ଭାରତ ନିଧି ପ୍ରକଳ୍ପଥି ୩ ଟା ଯୋଜ୍ନା ଅଧୀନ୍ଥି ମୋଟ୍ ୪ ହଜାର୍ ୨ ଶହ ୭୭ ଟା ମୋବାଇଲ୍ ଟାୱାର୍ ଥାପ୍ନା ଲାଗି ଲକ୍ଷ୍ୟ ଧାରିଜ୍ କରାଯାଇଥିଲା ।

ଯୁବା ସଂଗମ୍ ଆର୍ଏନ୍ୟୁ/ ସମ୍ବଲ୍ପୁର୍

ରାଜ୍ୟ ରାଜ୍ୟ ଭିତ୍ରେ ଭିନ୍ ଭିନ୍ କ୍ଷେତ୍ର ନ ଅଏତ୍କା ନୁ ଅଏତ୍କା ଯୁବ ଆଦାନ୍ପ୍ରଦାନ୍ କାର୍ଯ୍ୟକ୍ରମ୍ ଉପ୍ରେ ପ୍ରାଧାନ୍ୟ ଦେଇକରି ମୁଲ୍ କରାଯାଇଥିବା ଯୁବା ସଂଗମ୍ କାର୍ଯ୍ୟକ୍ରମ୍ ଯୁବଗୋଷ୍ଠୀଙ୍କର୍ ଭିତ୍ରେ ନୂଆଁ ଉତ୍ସାହ ଆଉ ଆଗ୍ରହ ସୃଷ୍ଟି କରିପାରିଛେ ବଲି ରାଜ୍ୟପାଲ୍ ରଘୁବର୍ ଦାସ କହିଛନ୍ । ଆଏଜ୍ ରାଜ୍ଭବନ୍ର ଅଭିଷେକ୍ ହଲ୍ ନ ଯୁବାସଂଗମ୍ କାର୍ଯ୍ୟକ୍ରମ୍ଥି ଓଡ଼ିଶା ପରିଦର୍ଶନ୍ଥି ଆସିଥିବା ମହାରାଷ୍ଟ୍ରର୍ ୫୦ ନୁ ଅଏତ୍କା

ଯୁବ ପ୍ରତିନିଧି ଦଲ୍ ରାଜ୍ୟପାଲ୍ଙ୍କୁ ସାକ୍ଷାତ୍ କରିଛନ୍ । ଇ ଅବ୍‌ସରେ ସେମାନ୍‌କୁ ଉଦ୍‌ବୋଧନ୍ ଦେଇକରି ରାଜ୍ୟପାଲ୍ ଜାତୀୟ ଶିକ୍ଷାନୀତି -୨୦୨୦ ଦେଶର୍ ସମୃଦ୍ଧ ବିବିଧତା ବାବ୍‌ଦେ ସିଧାସଲଖ୍ ଜ୍ଞାନ ଆହରଣ୍ ଉପ୍‌ରେ ପ୍ରାଧାନ୍ୟ ଦେଇଥିବା କହିକରି ଯୁବଗୋଷ୍ଠୀଙ୍କୁ ବୈଶ୍ୱିକ ଆହ୍ୱାନ୍‌କେ ମୁକାବିଲା କର୍‌ବାର୍ ଉପ୍‌ରେ ଜୋର୍ ଦିଆଯାଇଛେ ବଲି କହିଥିଲେ ।

ବିଜ୍ଞାନ୍ ଭିତିକ ଧାନ୍ ଗବେଷଣା ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ କୃଷି ଭବନ୍ ପ୍ରେକ୍ଷାଳୟ ନ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ବିଜ୍ଞାନ୍ ଭିତିକ ଧାନ୍ ଗବେଷଣା ବାବଦ୍ ଗୁଟେ ଆଲୋଚନାଚକ୍ର ହେଇଯାଇଛେ । ଶ୍ରୀ ସିଂହଦେଓ କୋରାପୁଟ୍ ଅଂଚଲ୍ ନ ଧାନର୍ ଭିନ୍ ଭିନ୍ ପାରମ୍ପରିକ ପ୍ରଜାତି କେନ୍ତା ବିଶ୍ୱ ଧାନ ଚାଷ ମାନଚିତ୍ରଥି ଓଡ଼ିଶାକେ ଗର୍ବିତ କରୁଛେ ସେ ବିଷେ ଆଲୋଚନା କରିଥିଲେ ।

ଇଥି ଫିଲିପାଇନ୍ସର ମାନିଲା ଠାନେ ଥିବା ଆନ୍ତର୍ଜାତିକ ଧାନ୍ ଗବେଷଣା ଅନୁଷ୍ଠାନ୍‌ର ମହାନିର୍ଦ୍ଦେଶିକା ଡକ୍ଟର୍ ୟୋଭୋନୋ ପିଂଟୋ ଧାନ ଗବେଷଣା କ୍ଷେତ୍ର ନ ଜଲ୍‌ବାୟୁ ପରିବର୍ତନ ସମସ୍ୟା, ପୁଷ୍ଟିକର ଧାନ୍ ପ୍ରଜାତିର୍ ବିକାଶ୍,

ଧାନ୍‌ର ନୂଆଁ ପ୍ରଜାତି ସୃଷ୍ଟି ଉପ୍‌ରେ ଆଲୋଚନା କରିଥିଲେ । ଇତାର୍‌ଛଡ଼ା ଧାନର୍ ରପ୍ତାନୀ ଭିତିକ ବଜାର୍ ସୃଷ୍ଟି କରିକରି ଧାନ୍ ଚାଷ କ୍ଷେତ୍ର ନ ଓଡ଼ିଶାକେ ଆଗେଇ ନେବାର୍‌କେ ପ୍ରତିଶ୍ରୁତି ଦେଇଥିଲେ ।

ନୌସେନା ଦିବସ୍ ପାଲନ୍-ଅଭ୍ୟାସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର୍

ଭାରତୀୟ ନୌସେନା ଦିବସ୍ ପାଲନ୍ ଆଘୋନୁ ଆଏଜ୍ ପୁରୀ ବେଳାଭୂମି ନ ବୀରତ୍ୱ ଆର୍ ପରାକ୍ରମର ଉତ୍କୃଷ୍ଟ ଯୁଦ୍ଧକୌଶଲ ଦେଖେ୍‌ବାର୍‌କେ ମିଲିଛେ । ଇଥି ୧୫ ନୁ ଅଏତ୍‌କା ଯୁଦ୍ଧ ଜାହାଜ୍ ସହେତେ ୪୦ ନୁ ଅଏତ୍‌କା ଯୁଦ୍ଧବିମାନ୍, ହେଲିକେପ୍ଟର୍ ସାମିଲ୍ ହେଇଥିଲେ । ଇ ଅବ୍‌ସରେ ନୌସେନା ତର୍‌ଫୁ ୨୦ ପ୍ରକାର୍‌ର ଯୁଦ୍ଧ କୌଶଲ୍ ପ୍ରଦର୍ଶନ୍ କରାଯାଇଥିବାର୍ ବେଲେ ଆକର୍ଷକ ଲେଜର୍ ସୋ ଭିଲ୍ ହେଇଥିଲା । ଇଥି ଇଷ୍ଟର୍ଣ୍ଣ ନାଭାଲ୍ କମାଣ୍ଡର ମୁଖ୍ୟ ଭାଇସ୍ ଆଡ଼ମିରାଲ୍ ରାଜେଶ୍ ପେଣ୍ଡାର୍‌କାର୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଯୁଦ୍ଧ କୌଶଲ୍ ଦେଖ୍‌ବାର୍ ଲାଗି ପୁରୀ ବେଳାଭୂମି ନ ହଜାର୍ ହଜାର୍ ଲୁକ୍‌କର୍ ଭିଡ୍ ହେଇଥିଲା ।

ଜନଅଭିଯୋଗ୍ ଶୁଣାଣି ଶିବିର ସମ୍ବଲପୁର/ ବୌଦ୍ଧ/ ସୁବର୍ଣ୍ଣପୁର୍/ ବଲାଙ୍ଗିର୍/ ବର୍‌ଗଡ଼୍/ ଦେବ୍‌ଗଡ଼୍/ କଲାହାଣ୍ଡି

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାନ ଆଏଜ୍ ମିଲିତ୍ ଜନଶୁଣାଣି ଶିବିର ହେଇଯାଇଛେ । ଜିଲ୍ଲାପାଲ୍ ଆର୍ ଏସ୍.ପି. ଶିବିରମାନ୍‌କେ ଉପସ୍ଥିତ୍ ରହିକରି ଅଭିଯୋଗ୍‌ମାନ୍‌କର୍ ସମାଧାନ୍ କର୍‌ବାର୍ ସହେତେ ଦର୍‌କାରୀ ପଦକ୍ଷେପ୍ ନେବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସମ୍ବଲପୁର୍ ଜିଲ୍ଲା ମାନେଶ୍ୱର୍ ବ୍ଲକ୍ କାର୍ଯ୍ୟାଳୟ ନ ହେଇଥିବା ଜନଶୁଣାଣିଥି ୨୯ ଟା ଅଭିଯୋଗ୍‌ର ଶୁଣାଣି କରାଯାଇଥିଲା ।

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଳନୀ କକ୍ଷନ ଜିଲ୍ଲାପାଲ୍‌ଙ୍କର୍ ଅଭିଯୋଗ୍ ଶୁଣାଣି ଶିବିରଥି ୩୮ଟା ଅଭିଯୋଗ ଆସିଥିଲା । ଇ ସବୁ ଅଭିଯୋଗ ବିଚାର୍ କରି କରି ସମାଧାନ୍ କର୍‌ବାରକେ ବିଭାଗୀୟ ଅଧିକାରୀମାନ୍‌କୁ ଜିଲ୍ଲାପାଲ୍ ନିର୍ଦ୍ଦେଶ ଦେଇଛନ୍ ।

ବୌଦ୍ଧ ଜିଲ୍ଲା ଚାର୍‌ଛକ୍ ଠାନେ ଥିବା ହରଭଙ୍ଗା ବ୍ଲକ୍ କାର୍ଯ୍ୟାଳୟ ନ ହେଇଥିବା ଜନଶୁଣାଣି ଶିବିର୍‌ଥି ୩୮ଟା ଅଭିଯୋଗ ଆସିଥିବାର୍ ବେଲେ ୧୮ଟାର ସାଙ୍ଗେ ସାଙ୍ଗେ ସମାଧାନ କରାଯାଇଥିଲା ।

ସୁବର୍ଣ୍ଣପୁର୍ ସୋନ୍ପୁର୍ ବ୍ଲକ୍ ସମ୍ମିଳନୀ କକ୍ଷ ନ  ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ୍ ଜନଶୁଣାଣି ଶିବିରଥି ୨୮ଟା ମାମ୍ଲାର୍ ଶୁଣାଣି କରିଥିଲେ ।

ବଲାଙ୍ଗିର୍ ଜିଲ୍ଲାର୍ ବେଲ୍ପଡ଼ା ବ୍ଲକ୍ ମୁଖ୍ୟାଳୟ ନ ଜିଲ୍ଲା ପ୍ରଶାସନ୍ର ଅଭିଯୋଗ୍ ଶୁଣାଣି ହେଇଯାଇଛେ । ଇଥି ଆସିଥିବା ୧୯ ଟା ଅଭିଯୋଗ୍ ଭିତ୍ରୁ ୫ ଟା ମାମ୍ଲାର୍ ସାଙ୍ଗେସାଙ୍ଗ୍ ସମାଧାନ୍ କରାଯାଇଥିଲା ।

କଳାହାଣ୍ଡି ଜିଲ୍ଲାପାଲ୍ କାର୍ଯ୍ୟାଳୟର୍ ସଦ୍ଭାବନା ସଭା ଗୃହ ନ ଅଭିଯୋଗ୍ ଶୁଣାଣି ଆର୍ ସମାଧାନ୍ ଶିବିରଥି  ଶହେ ୧୭ ଟା ଅଭିଯୋଗ ଆସିଥିଲା । ଇତାର୍ଭିତ୍ରୁ ୧୦ ଟା ଅଭିଯୋଗର୍ ସଙ୍ଗେସଙ୍ଗେ ସମାଧାନ୍ କରାଯାଇଥିଲା।

ବର୍ଗଡ଼୍ ଜିଲ୍ଲାର୍ ଭେଡ଼େନ୍ ପଂଚାୟତ୍ ସମିତି କାର୍ଯ୍ୟାଳୟ ପରିସର ନ ଜିଲ୍ଲାପାଲ ଆର୍ ଏସ୍.ପି.ଙ୍କର୍ ଉପସ୍ଥିତିଥି ଅଭିଯୋଗ୍ ଶୁଣାଣି ଶିବିର ହେଇଥିଲା । ମୋଟ୍ ୯୭ଟା ଅଭିଯୋଗ ଆସିଥିଲା ।

ଡାକ୍ତରୀ ପଦ୍ବୀ ଖାଲି            ଆର୍ଏନ୍ୟୁ/ କଟକ୍

ରାଏଜେ ୫ ହଜାର୍ ୧୪ ଟା ଡାକ୍ତର୍ ପଦ୍ବୀ ଖାଲି ପଡ଼ିଛେ ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ ।

ବିଧାନ୍‌ସଭାଥି ଆଏଜ୍ ସେ କହିଛନ୍ ଯେ, ୩୦ ଟା ଜିଲ୍ଲାର୍ ୩ ଶହ ୭୫ ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନ ଡାକ୍ତର ପଦ୍‌ବୀ ଖାଲି ରହିଛେ । ଖାଲି ପଡ଼ିଥିବା ଡାକ୍ତର ପଦ୍‌ବୀ ଭିତ୍‌ରୁ ୧ ହଜାର ଶହେ ୧୪ ଟା ସ୍ପେଶାଲିଷ୍ଟ୍ ପଦ୍‌ବୀ ସାମିଲ୍ ଅଛେ ବଲି ସେ କହିଛନ୍ । ଆଉ ଗୁଟେ ପ୍ରଶ୍ନର୍ ଦେଇକରି ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ କହିଛନ୍ ଯେ, ବହୁତ୍ ଦିନ୍ ଧରିକରି ଛୁଟିଥିବା ଶହେ ୯୬ ଝନ୍ ଡାକ୍ତର୍‌ଙ୍କର୍ ବିରୋଧ୍‌ଥି କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ଭିନ୍ ଭିନ୍ କେଡ଼ର୍‌ର ଇ ଡାକ୍ତର୍‌ମାନେ ଭିନ୍ ଭିନ୍ କାରଣ୍ ଦେଖେଇକରି ଛୁଟିଥି ଅଛନ୍ ବଲି ସେ କହିଛନ୍ ।

ମସ୍ୟ ଆଉ ପ୍ରାଣୀସମ୍ପଦ୍ ମେଲା ଉଦ୍‌ଯାପିତ   ନୂଆପଡ଼ା

ନୂଆପଡ଼ା ପୁଲିସ୍ ପଡ଼ିଆ ନ ଚାଲିଥିବା ମସ୍ୟ ଆଉ ପ୍ରାଣୀସମ୍ପଦ୍ ମେଳା ଆଏଜ୍ ଉଦ୍‌ଯାପିତ୍ ହେଇଯାଇଛେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଉଦ୍‌ଯାପନୀ ସମାରୋହଥି ମସ୍ୟ ଆଉ ପ୍ରାଣୀ ସମ୍ପଦ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଯୋଗ୍ ଦେଇକରି ଚାଷୀ ଆଉ ପ୍ରାଣୀପାଲକ୍ ମାନ୍‌କୁ ଉଦ୍‌ବୋଧନ୍ ଦେଇଥିଲେ ।

ଧାନ୍ ଘିନା ବଲାଙ୍ଗିର୍ ସମ୍ବାଦଦାତା/ହି.ସ.

ବଲାଙ୍ଗିର୍ ଜିଲ୍ଲା ପ୍ରଶାସନ୍ ତର୍ଫୁ ବେଲ୍ପଡ଼ା ବ୍ଲକ୍ର ମଣ୍ଡଲ୍ ଗାଁର୍ ନିୟନ୍ତ୍ରିତ ବଜାର୍ କମିଟିଥି ଧାନ୍ଘିନା ମୁଲ୍ ହେଇଛେ । ଜିଲ୍ଲାପାଲ୍ ଗୌରବ୍ ଶିବାଜୀ ଇସଲ୍ୱାର୍ ମଣ୍ଡିର୍ ଶୁଭାରମ୍ଭ କରିଥିଲେ । ଇ ବଛର୍ ଚାଷୀମାନ୍କର୍ ଲାଗି ସବୁ ରକ୍ମର୍ ବ୍ୟବସ୍ଥା କରାଯାଇଛେ ବଲି ଜିଲ୍ଲାପାଲ୍ କହିଥିଲେ । ଧାନ୍ ଘିନାଥି ସ୍ୱଚ୍ଛତା ଆନ୍ବାର୍ ଲାଗି ମଣ୍ଡି ନ ସିସିଟିଭି ସହେତେ ନୋଡ଼ାଲ୍ ଅଫିସର୍ ମୁତୟନ ହେଇଥିବା ଜିଲ୍ଲାପାଲ୍ କହିଥିଲେ । ଜିଲ୍ଲା ନ ୯୫ ହଜାର୍ ୮୭ ଝନ୍ ପଞ୍ଜିକୃତ ଚାଷୀମାନ୍କର୍ନୁ ଶହେ ୭୬ ଟା ମଣ୍ଡି ଜରିଏ ୩୪ ଲାଖ୍ ୯ ହଜାର୍ ୭୩ କ୍ୱିଂଟାଲ୍ ଧାନ୍ ଘିନା ଯିବାର୍ ଲାଗି ଲକ୍ଷ୍ୟ ଧାରିଜ୍ ହେଉଛେ ।